# Akashvani, Sambalpur

## SAMBALPURI NEWS BULLETIN

### 5 August 2024- 6.47- 6.52 am.

*******************************************

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି            ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ୟୁନିଟ୍-୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍‌କର୍ ଅଭିଯୋଗ୍ ଶୁନ୍‌ବେ । ଅଭିଯୋଗ୍ ଶୁଣାଣି ଲାଗି ଆଏଜ୍ ସଖାଲର୍ ୮ ନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ କରାଯିବା । ସେଥିର୍‌ଲାଗି ଅଭିଯୋଗ୍‌କାରୀମାନେ ଠିକ୍ ସମିଆଥି ଆସିକରି ପଞ୍ଜିକରଣ୍ କରିକରି ଅଭିଯୋଗ୍ ଦାଖଲ୍ କର୍‌ବାର୍‌କେ କୁହାଯାଇଛେ । ସେଆଡ଼େ ୩ ଝନ୍ ବିଭାଗୀୟ ମନ୍ତ୍ରୀ ଜିଲ୍ଲା ବିଜେପି କାର୍ଯ୍ୟାଳୟ ନ ଉପସ୍ଥିତ୍ ରହିକରି ଲୁକ୍‌କର୍ ଅଭିଯୋଗ୍ ଶୁଣାଣି କର୍‌ବେ ।

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ନୀଳାଦ୍ରୀ ଭକ୍ତ ନିବାସ ସମ୍ମିଳନୀ କକ୍ଷ ନ ଆଏଜ୍ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ୍ ବସ୍‌ବା । ବୈଠକ୍‌ଥି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କର୍‌ବେ । ଏଛନିର୍ ପରିଚାଳନା କମିଟିର୍ ଇଟା ଶେଷ୍ ବୈଠକ୍ ହେଇଥିବାର୍‌ନୁ ଇଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଥି ଆଲୋଚନା ହେଇପାରେ । ଖାସ୍ କରି ରତ୍ନଭଣ୍ଡାର ମରାମତି ଉପରେ ଟିକିନିଖି ତର୍ଜମା ଉତ୍‌ରୁ ଏସ୍.ଓ.ପି. ଉପ୍‌ରେ ନିଷ୍ପତି ନିଆଯାଇପାରେ ବଲି ସୂଚ୍‌ନା ମିଲିଛେ ।

ଶ୍ରୀଜୀଉ- ଖସାପଡ଼ାନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ "ଖସାପଡ଼ା" ନୀତି ହେବା । ଇଥିର୍‌ଲାଗି ଦୁଇନମ୍ବର୍ ଭୋଗମଣ୍ଡପ ପୂଜା ସର୍‌ବାର୍ ଉତ୍‌ରୁ ସଞ୍ଝର୍ ୫ ବଜେନୁ ରାତି ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭତା ବୃଦ୍ଧି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପହେଲା ଖେପେ ୮୦ ବଛରନୁ ଅଏତ୍କା ବୟସର୍ ବରିଷ୍ଠ ନାଗରିକ୍ ଆର୍ ଅଶୀ ପ୍ରତିଶତ୍‌ନୁ ଅଏତ୍କା ଦିବ୍ୟାଙ୍ଗ ମାନ୍‌କର୍ ଲାଗି ଭତା ୩୫ ଶହ ଟଙ୍କାକେ ବଢ଼ାଯାଇଛେ । ଆଗ୍‌କେ ଖେପ୍ ଖେପ୍‌ଥି ସବୁ ହିତାଧିକାରୀଙ୍କୁ ଇ ବର୍ଦ୍ଧିତ ଭତା ଟଙ୍କା ମିଲ୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଢେଙ୍କାନାଲ୍ ଜିଲ୍ଲା ବିଜେପି କାର୍ଯ୍ୟାଲୟ ନ ବଜେଟ୍ ଉପ୍‌ରେ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଶ୍ରୀ ପାତ୍ର କହିଛନ୍ ଯେ, ସର୍‌କାର୍ ସବୁବର୍ଗର୍ ଉନ୍ନତି ଲାଗି କାମ୍ କର୍‌ବା । ଦଲ୍ ଦେଇଥିବା ପ୍ରତିଶ୍ରୁତି ଅନ୍‌ସାରେ ସର୍‌କାର୍‌କେ ଆସ୍‌ବାର୍ ଉତାରୁ ଇଟା ପାଲନ୍ କରାଯାଉଛେ ।

ଫାଇଭ୍-ଟି ସ୍କୁଲ୍-ଏ.ଜି. ଅଡିଟ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଫାଇଭ୍-ଟି ସ୍କୁଲ୍‌ମାନ୍‌କର୍ ଏକାଉଂଟ୍ ଜେନେରାଲ୍ - ଏ.ଜି. ଅଡିଟ୍ ହେବା । ଫାଇଭ୍-ଟି ଅଧୀନ୍‌ଥି ରୂପାନ୍ତରଣ୍ ଆଧାର୍‌ଥି ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପ୍ରାପ୍ତ ସ୍କୁଲ୍‌ମାନ୍‌କେ ହେଇଥିବା ଭିନ୍ ଭିନ୍ କାମ୍‌ର ଡି.ଇ.ଓ ମାନେ

ତଥ୍ୟ ଦେବେ । ମୋ ସ୍କୁଲ୍ ତର୍ଫୁ ଜିଲ୍ଲା ଶିକ୍ଷା ଅଧିକାରୀ-ଡି.ଇ.ଓ ମାନ୍କୁ ଇଥିର୍ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ସ୍କୁଲ୍ ଭିତିଭୂମିଥି କାଣା ଉନ୍ନତି ହେଇଛେ ଆଉ କେନ୍ତୋ ସୁବିଧା ରହିଛେ, ଇ ବାବ୍ଦେ ଗୁଟେ ଫର୍ମାଟ୍ ଜରିଏ ଡି.ଇ.ଓ. ମାନେ ସୂଚ୍ନା ଦେବେ ।

ଯୁକ୍ତ ଦୁଇ ମେଧା ତାଲିକା ଆର୍ଏନ୍ୟୁ / ସମ୍ବଲପୁର

ଯୁକ୍ତ ଦୁଇର ୨ ନମ୍ବର୍ ମେଧା ତାଲିକା ଆଏଜ୍ ବାହାର୍ବା । ଇତାର୍ସହେତେ ପିଜି ପ୍ରବେଶିକା ପରୀକ୍ଷାଫଲ୍ ଭିଲ୍ ବାହାର୍ବା । ଯୁକ୍ତ ଦୁଇ ମେଧା ତାଲିକା ଉପର୍ବେଲା ୩ ବଜେ ବାହାର୍ବା ଆର୍ ବଚାଯାଇଥିବା ଛାତ୍ରଛାତ୍ରୀମାନେ ୭ ନୁ ୧୦ ତାରିଖ୍ ଭିତ୍ରେ ନାଁ ଲେଖେଇପାର୍ବେ । ସେନ୍ତା ପିଜି ପ୍ରବେଶିକା ପରୀକ୍ଷା ସିୟୁଇଟି ପରୀକ୍ଷାର୍ଥୀଙ୍କର୍ ବିଷୟଓ୍ୱାରି ଆର୍ ରାଜ୍ୟବ୍ୟାପୀ ତାଲିକା ଉପର୍ବେଲା ୪ ବଜେ ବାହାର୍ବା । ଛାତ୍ରଛାତ୍ରୀମାନେ ୬ ନୁ ୧୨ ତାରିଖ୍ ଭିତ୍ରେ ଚଏସ୍ ଫିଲିଂ କର୍ବେ ।

ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍-ଥାପ୍ନା ଦିବସ

ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ର ୬୨ ନମ୍ବର୍ ଥାପ୍ନା ଦିବସ୍ ଆଏଜ୍ ପାଲନ୍ କରାଯିବା । ଇ କାର୍ଯ୍ୟକ୍ରମ୍ଥି ମୁଖ୍ୟ ଅତିଥି ଭାବେ ଜାତୀୟ ଶୈକ୍ଷିକ୍, ଅନୁସନ୍ଧାନ୍ ଆର୍ ପ୍ରଶିକ୍ଷଣ୍ ପରିଷଦ୍ର ନିର୍ଦ୍ଦେଶକ୍ ଦୀନେଶ୍ ପ୍ରସାଦ୍ ସକ୍ଲାନୀ ଯୋଗ୍ ଦେବେ । ଇତାର୍ସହେତେ ପ୍ରତିଷ୍ଠାନ୍ର ଛାତ୍ରଛାତ୍ରୀ, ଆଘର୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆର୍ କର୍ମଚାରୀମାନେ ଭିଲ୍ ଉପସ୍ଥିତ୍ ରହେବେ ବଲି ସୂଚ୍ନା ମିଲିଛେ ।

ୟୁଜିସି ନେଟ୍ ଆର୍ଏନ୍ୟୁ /ସମ୍ବଲପୁର

ୟୁଜିସି ନେଟ୍ ୨୦୨୪ ପରୀକ୍ଷା ଆଏବା ୨୧ ତାରିଖ୍ନୁ ସେପ୍ଟେମ୍ବର୍ ୪ ତାରିଖ୍ତକ୍ ହେବା । ଇ ବାବ୍ଦେ ଜାତୀୟ ପରୀକ୍ଷା ଏଜେନ୍ସି- ଏନ୍ଟିଏ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଇ ପରୀକ୍ଷା ୨ ଟା ଖେପେ କରାଯିବା । ପହେଲା ଖେପ୍ ପରୀକ୍ଷା ସଖାଲର୍ ୯ ନୁ ୧୨ ବଜେତକ୍ ହେବାର୍କେ ଥିବାର୍ ବେଲେ ୨ ନମ୍ବର୍ ଖେପ୍ ପରୀକ୍ଷା ଉପର୍ବେଲା ୩ ନୁ ସଞ୍ଜର୍ ୬ ବଜେତକ୍

ପରୀକ୍ଷା ହେବା । ପରୀକ୍ଷାର୍ ୧୦ ଦିନ୍ ଆଘୋନୁ ପରୀକ୍ଷା କେନ୍ଦ୍ର ବାବ୍‌ଦେ ସବୁ ପରୀକ୍ଷାର୍ଥୀଙ୍କୁ ସୂଚ୍‌ନା ଦିଆଯିବା ।

ଭିସୁଟ୍- ବୃକ୍ଷରୋପଣ            ସମ୍ବଲପୁର ସମ୍ବାଦଦାତା

ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଆଉ ଟେଲିକମ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ବୃକ୍ଷରୋପଣ୍ ହେଇଯାଇଛେ । ବିଭାଗୀୟ ମୁଖ୍ୟ ପ୍ରଫେସର୍ ନୀଳମଣି ଭୋଇ ଆର୍ ଦୀପ୍ତିମୟୀ କହଁର୍ ଇଥି ଯୋଗ୍ ଦେଇକରି ଫି’ ଛାତ୍ରଛାତ୍ରୀ ବର୍ଷକ କମ୍‌ସେକମ୍ ଗୁଟେ କି ଦୁଇଟା ଗଛ୍ ଲଗେଇକରି ସେତାର୍ ଯତନ୍ ଆର୍ ବଢ଼ାବାର୍‌କେ ପରାମର୍ଶ ଦେଇଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍            ଆର୍‌ଏନ୍‌ୟୁ /ସମ୍ବଲପୁର

ହୀରାକୁଦ୍ ଉପର୍‌ମୁଡ଼େ ଆଉ ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ଼୍ ଜିଲ୍ଲା ନ ଗଲା ୨୪ ଘଂଟା ଭିତ୍‌ରେ ବର୍ଷା ହେଇଥିବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ଦଶ୍‌ମିକ୍ ୭/୩ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌କେ ଫି’ ସକେଣ୍ଡ୍‌ଥି

୨ ଲାଖ୍ ୪୬ ହଜାର୍ ଶହେ ୮୮ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୧୪ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଦେଇକରି ସମାନ୍ ପରିମାଣ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ ।

ଖୋର୍ଦ୍ଧାରୋଡ଼୍-ବଲାଙ୍ଗିର୍ ପ୍ରକଳ୍ପ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ପୂର୍ବତଟ ରେଲ୍‌ବାଇକେ ଖୋର୍ଦ୍ଧାରୋଡ଼୍-ବଲାଙ୍ଗିର୍ ପ୍ରକଳ୍ପର୍ ଶହେ ୧୨ ନୁ ୨ ଶହ ୮୯ କିଲୋମିଟର୍‌ତକ୍ ରେଲ୍‌ଲାଇନ୍ ଲାଗି ମାହାଲିଆ ଜମି ଯୁଗେଇ ଦେବେ । ଇତାର୍‌ସହେତେ ତିଆରି ଖର୍ଚ୍ଚାର୍ ଶତ୍‌କଡ଼ା ୫୦ ଭାଗ୍ ଟଙ୍କା ସର୍‌କାର୍ ଦେବେ ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ବିଧାନ୍‌ସଭାଥି ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ଜେନା କହିଛନ୍ ଯେ, ଖୋର୍ଦ୍ଧାରୋଡ଼୍- ବଲାଙ୍ଗିର୍ ରେଲ୍‌ଲାଇନ୍ ଲାଗି ରାଜ୍ୟ ସର୍‌କାର୍ ୧ ହଜାର୍ ୨ ଶହ ୮୨ କୋଟି ୯୯ ଲାଖ୍ ୯୯ ହଜାର୍ ୯ ଶହ ୩୦ ଟଙ୍କା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ଥିବାର୍ ବେଲେ ଆଏବାକାଏଲ୍ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇପାରେ । ଇତାର୍ପ୍ରଭାବ୍ଥି ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ଥିବାର୍ନୁ ରାଏଜେ ଆଏବା ୨ ନୁ ୩ ଦିନ୍ତକ୍ ବର୍ଷା ବଢ଼ିପାରେ । ଇ ଲଘୁଚାପ୍ ଉତର୍ପଶ୍ଚିମ ବଙ୍ଗୋପ୍ସାଗର୍ଥି ସୃଷ୍ଟି ହେବାର୍କେ ଥିବାର୍ନୁ ଇତାର୍ ପ୍ରଭାବ୍ଥି ଉତର୍ ଓଡ଼ିଶା ନ ବର୍ଷାର୍ ପ୍ରକୋପ୍ ଅଏତ୍କା ରହେବା ବଲି ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ ।